## ସମଲେଶ୍ୱରୀ ମନ୍ଦିର ପରିସରରେ ସ୍ୱତନ୍ତ୍ର ଟିକାକରଣ

ସମ୍ବଲପୁର,(ବ୍ୟୁରୋ): ସମ୍ବଲପୁରର ଅଧିଷ୍ଠାତ୍ରୀ ମା’ ସମଲେଶ୍ୱରୀ ମନ୍ଦିର ପରିସରରେ ଗୁରୁବାର ସ୍ୱତନ୍ତ୍ର କୋଭିଡ୍ ଟିକାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସମଲେଶ୍ୱରୀ ମନ୍ଦିର, ସମ୍ବଲପୁର ସହରର ବିଭିନ୍ନ ଧର୍ମାନୁଷ୍ଠାନର ୧୬୫ଜଣ ପୂଜକ ଓ ସେବକମାନଙ୍କୁ ପ୍ରଥମ ଡୋଜ୍ ଟିକା ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ କୁମାର ବାବୁ ପରିଚାଳନା କରିଥିଲେ। ଟ୍ରଷ୍ଟ ବୋର୍ଡ଼ ସଦସ୍ୟ ହେମନ୍ତ ମିଶ୍ର, ଦେବ କୁମାର ଆଜମେରିଆ ଓ ବିରେନ୍ଦ୍ର ରାଏ ତଥା ଗୁରୁଦ୍ୱାରା ପ୍ରବନ୍ଧନ କମିଟି ପ୍ରତିନିଧି ଭଗତ ସିଂ ସହଯୋଗ କରିଥିଲେ।

**ସଂକ୍ଷେପରେ**

## ଆଶାକର୍ମୀଙ୍କ କରୋନାରେ ମୃତ୍ୟୁ

ସମ୍ବଲପୁର,୨୭।୫(ବ୍ୟୁରୋ): ସମ୍ବଲପୁର ଜିଲା ବୁର୍ଲାସ୍ଥିତ କୋଭିଡ୍ ହସ୍ପିଟାଲରେ ବୁଧବାର ବିଳମ୍ବିତ ରାତିରେ ଆଶା କର୍ମୀ ସବିତା ସେଠୀ (୪୭)ଙ୍କ କରୋନାରେ ମୃତ୍ୟୁ ଘଟିଛି। ସବିତା କୁଚିଣ୍ଡା ବ୍ଲକ କୁନ୍ତୁରା ସିଏଚ୍ସି ଅଧୀନରେ କମ କରୁଥିବାବେଳେ ବ୍ରାହ୍ମଣୀଡିହିରେ ରହୁଥିଲେ। ଗତ ୮ ତାରିଖରେ କରୋନା ପଜିଟିଭ୍ ବାହାରିବା ପରେ ତାଙ୍କୁ କୁଚିଣ୍ଡା କୋଭିଡ୍ କେୟାର ସେଣ୍ଟରକୁ ପଠାଯାଇଥିଲା। ସେଠାରୁ ମେ ୧୬ ତାରିଖରେ ତାଙ୍କୁ ବୁର୍ଲା କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ତାଙ୍କର ସ୍ୱାମୀ ଓ ୧୬ ବର୍ଷର ଝିଅ ଅଛନ୍ତି। ଏହି ଖବର ପାଇବା ପରେ ପଶ୍ଚିମ ଓଡ଼ିଶା ଆଶା କର୍ମୀ ସଂଘ ଆବାହକ ପ୍ରଶାନ୍ତ ପାଢ଼ୀ, ଜିଲା ସଭାନେତ୍ରୀ ଲକ୍ଷ୍ମୀ ମହାରଣା, ସମ୍ପାଦିକା ଯଜ୍ଞସେନୀ ପ୍ରଧାନ, ମମତା ଖଣ୍ଡାୟତ, ପ୍ରଭାତୀ ନାୟକ, ଭାରତୀ ପଟେଲ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। କରୋନା ଯୋଦ୍ଧା ରୂପେ ସ୍ୱର୍ଗତ ସବିତାଙ୍କ ପରିବାର ବର୍ଗଙ୍କୁ କ୍ଷତିପୂରଣ ବାବଦରେ ସରକାର ଘୋଷଣା କରିଥିବା ୫୦ ଲକ୍ଷ ଟଙ୍କା ଦେବା ବ୍ୟବସ୍ଥା କରିବାକୁ ପଶ୍ଚିମ ଓଡ଼ିଶା ଆଶା କର୍ମୀ ସଂଘ ପକ୍ଷରୁ ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ଅନୁରୋଧ କରଯାଇଛି।

## ପୋଡ଼ାମାଳରେ ବଣୁଆ ହାତୀଙ୍କ ଉପଦ୍ରବ

ନାକଟିଦେଉଳ,୨୭।୫(ଡି.ଏନ.ଏ.): ନାକଟିଦେଉଳ ବ୍ଲକ ସାହେବୀ ପଞ୍ଚାୟତର ପୋଡ଼ାମାଳ ଗ୍ରାମରେ ବଣୁଆ ହାତୀ ଉପଦ୍ରବ ଦେଖାଦେଇଛି। ବୁଧବାର ବିଳମ୍ବିତ ରାତ୍ରିରେ ହାତୀପଲ ଗାଁ ଭିତରେ ପଶି ଡାଲୁଅ ଧାନ ଖାଇବା ସହ ପୋଟଳ ଚାଷ ଓ କଲମି ଆମ୍ବଗଛ ଭାଙ୍ଗି ନଷ୍ଟ କରିଛନ୍ତି। ଏହି ହାତୀପଲରେ ଗୋଟିଏ ଦନ୍ତା ସମେତ ସମୁଦାୟ ୬ଟି ହାତୀ ରହିଥିବା ଗ୍ରାମବାସୀ କହିଛନ୍ତି। ହାତୀ ଉପଦ୍ରବରେ ଗ୍ରାମର ହରିହର ସାହୁଙ୍କ ୧୦ଟି କଲମି ଆମ୍ବଗଛ ଓ ୨ଟି ପଣସ ଗଛ ନଷ୍ଟ ହୋଇଛି। ସେହିପରି ବସନ୍ତ ସାହୁଙ୍କ ଖଳାରେ ଥିବା ଧାନବିଡ଼ା ହାତୀ ଖାଇବା ସହ ବୃନ୍ଦାବନ ସାହୁଙ୍କ ପୋଟଳ ଖେତରେ ପଶି ଦଳିଚକଟି ନଷ୍ଟ କରିଦେଇଛନ୍ତି। ନିକଟସ୍ଥ ଜଙ୍ଗଲରୁ ହାତୀପଲ ଆସି ପୁଣି ଉପଦ୍ରବ ଆରମ୍ଭ କରିଥିବାରୁ ସ୍ଥାନୀୟ ଲୋକେ ଆତଙ୍କିତ ହୋଇପଡିଛନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଯୋଗାଇଦେବାକୁ ଦାବି ହୋଇଛି।

## ଟ୍ରାକ୍ଟର ଓଲଟି ଚାଳକଙ୍କ ମୃତ୍ୟୁ

ବ୍ରଜରାଜନଗର,୨୭।୫(ଡି.ଏନ.ଏ): ବ୍ରଜରାଜନଗର ଥାନା ଅନ୍ତର୍ଗତ ଠାକୁରପଡା ହିଲଟପ ରାସ୍ତାରେ ଗୁରୁବାର ଟ୍ରାକ୍ଟର ଓଲଟି ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଆଶୋକ ମୁଣ୍ଡା। ପୂର୍ବାହ୍ନରେ ଦୁର୍ଘଟଣା ଖବର ପାଇ ରାମପୁର ଫାଣ୍ଡି ଅଧିକାରୀ କିଷାନ ବାବୁ ଘଟଣାସ୍ଥଳରେ ପହଞ୍ଚି ଅଶୋକଙ୍କୁ ଉଦ୍ଧାର କରି ହସ୍ପିଟାଲ ପଠାଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ‘ୟାସ୍’ର ପ୍ରଭାବ: ବିଭିନ୍ନ ସ୍ଥାନରେ କ୍ଷୟକ୍ଷତି

ଦେବଗଡ଼, ୨୭।୫ (ଡି.ଏନ.ଏ)

ସାମୁଦ୍ରିକ ବାତ୍ୟା ‘ୟାସ’ ପ୍ରଭାବରେ ଦେବଗଡ଼ ଜିଲାର ବିଭିନ୍ନ ସ୍ଥାନରେ କ୍ଷୟକ୍ଷତି ଘଟିଛି। ଜିଲା ଜରୁରୀକାଳୀନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ବୁଧବାର ଗୁରୁବାର ୨ଦିନ ମଧ୍ୟରେ ‘ୟାଶ’ ପ୍ରଭାବରେ ଜିଲାର ବିଭିନ୍ନ ସ୍ଥାନରେ ପ୍ରବଳ ବେଗରେ ପବନ ବହିବା ସହ ଦେବଗଡରେ ଦେବଗଡ ପୌରାଞ୍ଚଳ ଓ ତିଲେଇବଣୀ ବ୍ଲକକୁ ମିଶାଇ ୧୩୧ ମିଲିମିଟର, ବାରକୋଟ ବ୍ଲକରେ ୧୧୩.୨ ମିଲିମିଟର ଓ ରିଆମାଳ ବ୍ଲକରେ ୩୧.୨ ମିଲିମିଟର ବର୍ଷା ହୋଇଛି। ସେହିପରି ଜୋରରେ ପବନ ବହିବା ଯୋଗୁ ଦେବଗଡ ପୌରାଞ୍ଚଳର ବିଭିନ୍ନ ସାହିଗଳିରେ ଗଛ ଭାଙ୍ଗିପଡିବା ସହ ଚାଳଛପର ଓ ଆଜବେଷ୍ଟସ ଛାତ ଉଡିଯାଇଛି। ପୌରାଞ୍ଚଳ ୬ ନମ୍ବର ୱାର୍ଡରେ ବାସନ୍ତୀ ମୁଖି ଓ ୮ନମ୍ବର ୱାର୍ଡର ରଜନୀ ମୁଣ୍ଡାଙ୍କ ଘର ଭାଙ୍ଗିଯାଇଛି। ଅନୁରୂପ ଭାବେ ବାରକୋଟ ବ୍ଲକ ବିଜୟନଗର ଗ୍ରାମପଞ୍ଚାୟତ ଘୁରୁଡୁଖମଣ ଗ୍ରାମର ଯୁଧିଷ୍ଠିର ବାଘଙ୍କର ଘର ଓ ଗୁହାଳ ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି । ସୂଚନାପାଇ ବାରକୋଟ ବିଡିଓ ଟୁନୁ ମେହେର ଓ ବଳମ ସର୍କଲର ରାଜସ୍ୱ ନିରୀକ୍ଷକ ସେଠାକୁ ଯାଇ କ୍ଷତିଗ୍ରସ୍ତ ଯୁଧିଷ୍ଠିରଙ୍କ ସହ ଆଲୋଚନା କରିବା ସହ କ୍ଷୟକ୍ଷତିର ଆକଳନ କରିଥିବା ଜଣାପଡିଛି। ଏହି ଅବସରରେ ସେମାନେ ଆର୍ଥିକ ସହାୟତା ପାଇଁ ଯୁଧିଷ୍ଠିରଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି। ଦେବଗଡ଼ ଜିଲାରେ ୟାସ ଜନିତ କାହାରି ଜୀବନହାନୀ ଘଟି ନ ଥିବାବେଳେ ଗୃହପାଳିତ ପଶୁମାନେ ମଧ୍ୟ କ୍ଷତିଗ୍ରସ୍ତ ହୋଇ ନ ଥିବା ଜିଲା ଜରୁରୀକାଳୀନ ବିଭାଗ ପକ୍ଷରୁ ସୂଚନା ମିଳିଛି । ଅଳ୍ପକିଛି ଲୋକଙ୍କର ଘରଦ୍ୱାର କ୍ଷୟକ୍ଷତି ହୋଇଥିବାବେଳେ ପ୍ରଶାସନ ପକ୍ଷରୁ ସେମାନଙ୍କୁ ପଲିଥିନ ବିତରଣ କରାଯାଇଥିବା ଜିଲା ଜରୁରୀକାଳୀନ ଅଧିକାରୀ ସୁଶାନ୍ତ କୁମାର ନାୟକ ପ୍ରକାଶ କରିଛନ୍ତି। ଜିଲାରେ ବିଭିନ୍ନ ସ୍ଥାନରେ ପନିପରିବା ଫସଲ ବର୍ଷାରେ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି।



ଦେବଗଡ଼ ପୌରାଞ୍ଚଳରେ ଗଛପଡ଼ି ଘର ଭାଙ୍ଗିଛି।

## ଜଳଘେରରେ ବାରକୋଟ ଥାନା

ଦେବଗଡ଼,୨୭।୫(ଡି.ଏନ.ଏ.)

‘ୟାସ’ ପ୍ରଭାବରେ ବୁଧବାର ଠାରୁ ଦେବଗଡ଼ ଜିଲାର ବିଭିନ୍ନ ସ୍ଥାନରେ ବର୍ଷା ଓ ପବନ ଲାଗିରହିଥିବାରୁ ଜିଲାର ବିଭିନ୍ନ ସ୍ଥାନରେ କ୍ଷୟକ୍ଷତି ଘଟିଥିବା ସୂଚନା ମିଳିଛି । ତେବେ ଦେବଗଡ଼ ପୌରାଞ୍ଚଳ ଓ ଅନ୍ୟ ୨ଟି ବ୍ଲକ ତୁଳନାରେ ବାରକୋଟ ବ୍ଲକରେ ଅଧିକ ବର୍ଷା ଓ ପବନ ହୋଇଥିବାରୁ ଉକ୍ତ ବ୍ଲକରେ ‘ୟାଶ’ ପ୍ରଭାବରେ ଅପେକ୍ଷାକୃତ ଅଧିକ କ୍ଷୟକ୍ଷତି ହୋଇଥିବା ସୂଚନା ମିଳିଛି । ଗୁରୁତ୍ୱପୂର୍ଣ ବିଷୟ ଏହା ଯେ,ଏନ୍ଏଚ୍ଏଆଇ ପକ୍ଷରୁ ନିର୍ମାଣକାରୀ ସଂସ୍ଥା ଜରିଆରେ ଚାଲିଥିବା ମୁମ୍ବାଇ-କୋଲକାତା ସଂଯୋଗକାରୀ ୪୯ ନମ୍ବର ଜାତୀୟ ରାଜପଥର ନିର୍ମାଣ କାର୍ଯ୍ୟ ବର୍ତ୍ତମାନ ସମ୍ପୂର୍ଣ୍ଣ ହେବାକୁ ବସିଥିଲେ ହେଁ ଅବହେଳା ଏବଂ ତ୍ରୁଟିପୂର୍ଣ୍ଣ ନିର୍ମାଣ କାର୍ଯ୍ୟ ଯୋଗୁ ଯାତାୟାତରେ ଜନସାଧାରଣ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖିନ ହେଉଛନ୍ତି। ଏହି କ୍ରମରେ ବାରକୋଟଠାରେ ନିର୍ମିତ ଫ୍ଲାଇଓଭର କଡରେ ଜଳ ନିଷ୍କାଶନ ନିମନ୍ତେ ଉପଯୁକ୍ତ ବ୍ୟବସ୍ଥା କରାଯାଇ ନ ଥିବାରୁ ଉକ୍ତ ଫ୍ଲାଇଓଭରର ଠିକ କଡରେ ରହିଥିବା ବାରକୋଟ ଥାନାର ଚାରିପାଖରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହିବା ସହ ଥାନାଟି ଜଳଘେରରେ ରହିଛି। ସାଧାରଣଲୋକ ଓ ପୋଲିସ ଯିବା ଆସିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।



ବାରକୋଟ ଥାନା ପାଣି ଘେରରେ ରହିଛି।

## ପରିବା ଫସଲ କ୍ଷତିଗ୍ରସ୍ତ: ଚିନ୍ତାରେ ଚାଷୀ

କୁତ୍ରା,୨୭।୫(ଡି.ଏନ.ଏ.)

ବାତ୍ୟା ‘ୟାସ’ର ପ୍ରଭାବରେ ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକରେ ଦୁଇ ଦିନ ହେବ ବର୍ଷା ଲାଗିରହିଛି। ଲଗାଣ ବର୍ଷା ଲାଗି ରହିଥିବାବେଳେ କ୍ଷତିକୁ ନେଇ ପରିବାଚାଷୀ ଚାପଗ୍ରସ୍ତ ଥିବା ଜଣାପଡିଛି। ବ୍ଲକରେ ପରିବା ଚାଷ କରିଥିବା ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି। ପାଣି ଜମିରହିବା ଫଳରେ ପରିବା ଗଛଗୁଡ଼ିକ ପଚିଯିବା ସହ ଗଛରେ ଫଳିଥିବା ପରିବା ମଧ୍ୟ ପଚିଯିବା ଆଶଙ୍କା ରହିଛି। ପରିବା ଚାଷୀ ବର୍ଷା ଯୋଗୁ ପରିବା ବିକ୍ରି କରି ନ ପାରି କ୍ଷତିଗ୍ରସ୍ତ ହେଉଛନ୍ତି। ପ୍ରବଳ ବର୍ଷା ଯୋଗୁ ବିଲାତି, ଭେଣ୍ଡି, ବାଇଗଣ ଭଳି ବିଭିନ୍ନ ପନିପରିବା ନଷ୍ଟ ହେବାରେ ଲାଗିଛି। ବିଲାତି ଫସଲ ସମ୍ପୂର୍ଣ୍ଣ ଭାବରେ କ୍ଷତିଗ୍ରସ୍ତ ହୋଇଥିବାର ମଧ ଦେଖିବାକୁ ମିଳିଛି। ଦୀର୍ଘଦିନ ହେବ କରୋନା ପ୍ରଭାବ ଯୋଗୁ ଅଞ୍ଚଳରେ ଲକ୍‌ଡାଉନ ଲାଗି ରହିଥିବାବେଳେ ପରିବା ଚାଷୀ ନିଜ ପରିବା ବିକ୍ରି କରିବା ପାଇଁ ଚିନ୍ତିତ ରହୁଥିବାବେଳେ ‘ୟସ’ର ପ୍ରଭାବ ଯୋଗୁଁ ସେମାନଙ୍କ ଆର୍ଥିକ ସ୍ଥିତି ସମ୍ପୂର୍ଣ୍ଣ ଭାବେ ଖରାପ ହୋଇଯାଇଛି। ଧାର କରଜ କରି ପରିବା ଚାଷ କରିଥିବା ଚାଷୀ ଆର୍ଥିକ ଅନଟନରେ ରହି ଚାପଗ୍ରସ୍ତ ରହୁଥିବାର ଦେଖିବାକୁ ମିଳୁଛି। ଏଣୁ ଏଭଳି ସମୟରେ ଚାଷୀଙ୍କୁ ଆର୍ଥିକ ସାହାଯ୍ୟ ଯୋଗାଇ ଦେବାର ଆବଶ୍ୟକତା ରହିଛି। ଚାଷୀଙ୍କ ପରିବା ବିକ୍ରି କରିବା ପାଇଁ ଉଚିତ ବ୍ୟବସ୍ଥା କରିବା ଦିଗରେ ସରକାର ଦୃଷ୍ଟି ଦେବାକୁ ପରିବାଚାଷୀ ଓ ବହୁ ସମାଜସେବୀ ଅନୁଷ୍ଠାନ ଦାବି କରୁଛନ୍ତି।

# ଫେରିଲେ ୯୮ ପ୍ରବାସୀ ଶ୍ରମିକ

ବଲାଙ୍ଗୀର ଅଫିସ/ଟିକ୍ରାପଡା, ୨୭।୫ (ଡି.ଏନ୍.ଏ.)

ରାଜ୍ୟ ବାହାରେ କାର୍ଯ୍ୟ କରୁଥିବା ପ୍ରବାସୀ ଶ୍ରମିକମାନେ ଏବେ ଘରମୁହାଁ ହେଲେଣି। ଇତିମଧ୍ୟରେ ବଲାଙ୍ଗୀର ଜିଲାକୁ ୯୮ ଜଣ ଦାଦନ ଶ୍ରମିକ ଫେରିଛନ୍ତି । ମଙ୍ଗଳବାର ସଇଁତଲା ବ୍ଲକ୍ ଟିକ୍ରାପଡାକୁ ଆନ୍ଧ୍ରପ୍ରଦେଶରୁ ୬୮ ଦାଦନ ଶ୍ରମିକ ଫେରିଥିଲେ। ସେମାନେ ଫେରିବା ପରେ ନିଜ ନିଜ ଘରକୁ ଯାଇଥିଲେ ମଧ୍ୟ ଆଇସୋଲେଶନ୍‌ରେ ରହି ନ ଥିଲେ । ସେମାନଙ୍କର କରୋନା ଟେଷ୍ଟ ମଧ୍ୟ ହୋଇପାରି ନ ଥିଲା । ପ୍ରବାସୀ ଶ୍ରମିକମାନେ ଲୋକଙ୍କ ସହ ମିଶିବା ସହ ବୁଲାବୁଲି କରିବା ପରେ ଗ୍ରାମବାସୀଙ୍କ ମଧ୍ୟରେ କରୋନା ସଂକ୍ରମଣ ଭୟ ଦେଖାଦେଇଥିଲା । ଫଳରେ ଗୁରୁବାର ପୋଲିସ ଉପସ୍ଥିତିରେ ରାଜ୍ୟ ବାହାରୁ ଫେରିଥିବା ୪୫ ଜଣ ଦାଦନ ଶ୍ରମିକଙ୍କ ଘରକୁ ଘର ଯାଇ କରୋନା ଟେଷ୍ଟ କରାଯାଇଥିଲା । ସେମାନଙ୍କ ମଧ୍ୟରୁ ୧୩ ଜଣ ପଜିଟିଭ ବାହାରିଥିଲେ । ସଂକ୍ରମିତ ୧୩ଜଣ ଚିହ୍ନଟ ହେବା ପରେ ସେମାନଙ୍କୁ ଟିଟିଲାଗଡ କୋଭିଡ ହସ୍ପିଟାଲକୁ ପଠାଯାଇଥିଲା । ଟିକ୍ରାପଡା ଫାଣ୍ଡି ଅଧିକାରୀ ଆଦିତ୍ୟ ପ୍ରସାଦ ସାହୁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଜନାର୍ଦ୍ଦନ ଯୋଷୀ ଓ ଆଡଭୋକେଟ ଟୁନୁ ରାଜପଲିଆ ଶ୍ରମିକଙ୍କ କୋଭିଡ ଟେଷ୍ଟ ବେଳେ ଉପସ୍ଥିତ ଥିଲେ। ଗୁରୁବାର ତେଲେଙ୍ଗାନାର ହାଇଦ୍ରାବାଦ ନିକଟ ଚୋଥପାଲର ଏକ ଇଟାଭାଟିରେ କାର୍ଯ୍ୟ କରୁଥିବା ୩୦ ଜଣ ଦାଦନ ଶ୍ରମିକଙ୍କୁ ଜିଲାକୁ ଅଣାଯାଇଛି । ଆଡ ଆଟ୍ ଆକ୍ସନ ତରଫରୁ ୩୦ ଦାଦନ ଶ୍ରମିକଙ୍କୁ କଣ୍ଟାବାଞ୍ଜି ଷ୍ଟେଶନ୍‌କୁ ଅଣାଯିବା ପରେ ବେଲପଡା ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ଗାଁକୁ ପଠାଯାଇଛି । ଜିଲା ଜରୁରୀ କାଳୀନ ଅଧିକାରୀ, ସଂସ୍ଥାର ଦୟାସାଗର ପ୍ରଧାନ ଓ ଚିତ୍ତରଞ୍ଜନ ନାଗ ଦାଦନ ଶ୍ରମିକ ଫେରିବା ଓ ଗ୍ରାମରେ ପହଞ୍ଚିବା କାର୍ଯ୍ୟ ତଦାରଖ କରିଥିଲେ ।


ଟିକ୍ରାପଡା ଠାରେ ଦାଦନ ଶ୍ରମିକଙ୍କ କରୋନା ଟେଷ୍ଟ କରାଯାଉଛି ।

## ଭର୍ଚୁଆଲ ମିଟିଂ ମାଧ୍ୟମରେ ନେହେରୁଙ୍କ ତିରୋଧାନ ଦିବସ

ସୁନ୍ଦରଗଡ଼, ୨୭।୫(ଡି.ଏନ୍.ଏ.)

ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ତିରୋଧାନ ଦିବସ ଭର୍ଚୁଆଲ ମିଟିଂ ମାଧ୍ୟମରେ ପାଳିତ ହୋଇଯାଇଛି। ଜିଲା ସଭାପତି ବେଣୁମାଧବ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ପିସିସି ସାଧାରଣ ସମ୍ପାଦକ ରାଜକିଶୋର ଷଡ଼ଙ୍ଗୀ, ଟାଉନ ସଭାପତି ନେପାଳ ଚନ୍ଦ୍ର ସାହୁ, କାଳିପଦ ସାମଲ, ଅଜିତ ପ୍ରସାଦ, ରାଜ୍ୟ ସେବାଦଳ ସମ୍ପାଦକ ମୁନୁ ସରାଫ, ସତ୍ୟ ନାରାୟଣ ସାହୁ, ସୁନ୍ଦରଗଡ ବିଧାନସଭା କ୍ଷେତ୍ର ଯୁବ ସଭାପତି, ବିଶ୍ୱଜିତ ପଟ୍ଟନାୟକ, ସଞ୍ଜୟ ସାହୁ, ଶିବଲାଲ ମୁଣ୍ଡା ପ୍ରମୁଖ ନେତୃବୃନ୍ଦ ଯୋଗଦେଇ ନେହେରୁଙ୍କ ଜୀବନୀ ଓ ଦେଶ ପାଇଁ ଥିବା ତାଙ୍କର ବଳିଷ୍ଠ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ।

## ରାଉରକେଲାରେ ସଫେଇ କର୍ମଚାରୀଙ୍କ ପାଇଁ କୋଭିଡ୍ ଟିକା କ୍ୟାମ୍ପ

ରାଉରକେଲା ଅଫିସ, ୨୭।୫

ଆଗଧାଡ଼ିର କରୋନା ଯୋଦ୍ଧା ଭାବେ ପରିଚିତ ସଫେଇ କର୍ମଚାରୀମାନଙ୍କ ପାଇଁ ଗୁରୁବାର ରାଉରକେଲାରେ ଏକ ସ୍ୱତନ୍ତ୍ର କୋଭିଡ୍ ଟିକାକରଣ କ୍ୟାମ୍ପ କରାଯାଇଥିଲା। ଯେଉଁ କର୍ମଚାରୀମାନେ ଆଗରୁ ଟିକା ନେଇପାରି ନ ଥିଲେ ସେମାନେ ପଞ୍ଜୀକରଣ କରି ଟିକା ନେଇଛନ୍ତି। ଉଦିତନଗର ମ୍ୟୁନିସିପାଲ କଲେଜସ୍ଥିତ ଟିକାଦାନ କେନ୍ଦ୍ରରେ ଏଥିପାଇଁ ମହାନଗର ନିଗମ ପକ୍ଷରୁ ବିଶେଷ ବ୍ୟବସ୍ଥା କରାଯାଇଥିଲା। ଟିକା ନେବା ବେଳେ ସଫେଇ କର୍ମଚାରୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା। ମାସ୍କ ପିନ୍ଧି, ସାମାଜିକ ଦୂରତା ରକ୍ଷା କରି ସେମାନେ ଟିକାଦାନ କେନ୍ଦ୍ରକୁ ଆସି ଟିକା ନେଇଥିଲେ। ରାଉରକେଲା ସହରକୁ ସ୍ୱଚ୍ଛ ରଖିବାରେ ସଫେଇ କର୍ମଚାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। କୋଭିଡ୍ କାଳରେ ସେମାନେ ନିୟମିତ ବିଭିନ୍ନ ୱାର୍ଡ ବୁଲି ସଫେଇ କାର୍ଯ୍ୟ ଜାରି ରଖିଛନ୍ତି। ଲୋକଙ୍କ ଦୁଆର ମୁହଁରୁ ଆବର୍ଜନା ସଂଗ୍ରହ କରୁଛନ୍ତି। ସେମାନଙ୍କ ସୁରକ୍ଷା ପାଇଁ ମହାନଗର ନିଗମ ବିଶେଷ ଧ୍ୟାନ ଦେଉଛି। କାମ କରିବା ସମୟରେ ସୁରକ୍ଷା ପାଇଁ ସେମାନଙ୍କୁ ଗ୍ଲୋଭସ ଓ ସାନିଟାଇଜର ଆଦି ଦିଆଯାଉଛି।

## କୋଭିଡ୍ ରୋଗୀଙ୍କ ଉଦ୍ଦେଶ୍ୟରେ ୨ ଅକ୍ସିଜେନ୍‌ଯୁକ୍ତ ଆମ୍ବୁଲାନ୍ସ ଲୋକାର୍ପିତ

ଝାରସୁଗୁଡ଼ା ଅଫିସ,୨୭।୫

ଝାରସୁଗୁଡ଼ା ଜିଲାରେ କରୋନା ସଂକ୍ରମିତ ଗୁରୁତର ରୋଗୀଙ୍କୁ ଚିକିତ୍ସା ପାଇଁ ଅନେକ ସମୟରେ ଅକ୍ସିଜେନ୍‌ଯୁକ୍ତ ଆମ୍ବୁଲାନ୍ସ ମିଳିପାରୁନାହିଁ। ଫଳରେ ରୋଗୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ସୁଯୋଗ ନେଇ ଘରୋଇ ଆମ୍ବୁଲାନ୍ସ ଆବଶ୍ୟକତାରୁ ଅଧିକ ଭଡା ନେଉଛନ୍ତି। ଏସବୁକୁ ଦୃଷ୍ଟିରେ ରଖି ଜିଲାର ୩ ଗୋଟି ସଂସ୍ଥା ତରଫରୁ ୨ ଅକ୍ସିଜେନ୍‌ଯୁକ୍ତ ଆମ୍ବୁଲାନ୍ସ କରୋନା ରୋଗୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ ହୋଇଛି। ଏଥିମଧ୍ୟରୁ ଗୋଟିଏ ଫୋର୍ଟିସ୍ କେମିକାଲ୍ ଲିଃ ଓ ଜୟ ହନୁମାନ ଉଦ୍ୟୋଗର ମିଳିତ ଉଦ୍ୟମରେ ଏବଂ ଅନ୍ୟଟି ଅପର୍ଣ୍ଣା ଓଲ୍ଡ ସ୍କୁଲ୍ ତରଫରୁ ଦିଆଯାଇଛି। ଏହି ୨ ଆମ୍ବୁଲାନ୍ସକୁ ଗୁରୁବାର ଜିଲାପାଳ ସରୋଜ କୁମାର ସାମଲ ଲୋକାର୍ପିତ କରିଛନ୍ତି। ଏ ନେଇ ଜୟ ହନୁମାନ ଉଦ୍ୟୋଗର ନିର୍ଦ୍ଦେଶକ ଅନିଲ କେଡିଆ ଓ ଅପର୍ଣ୍ଣା ଓଲ୍ଡ ସ୍କୁଲ୍‌ର ଚେୟାରମ୍ୟାନ୍ ଅଜୟ ପୋଦାର କହିଛନ୍ତି, ମହାମାରୀ କରୋନା ସମୟରେ ଲୋକେ ଅକ୍ସିଜେନ୍‌ଯୁକ୍ତ ଆମ୍ବୁଲାନ୍ସ ପାଇପାରୁନାହାନ୍ତି। ଏପରି ସମୟରେ ଲୋକଙ୍କୁ ସହାୟତାର ହାତ ବଢାଇଛୁ । ଲୋକେ ଏହି ଆମ୍ବୁଲାନ୍ସକୁ ଦେୟମୁକ୍ତରେ ବ୍ୟବହାର କରିପାରିବେ ବୋଲି କୁହାଯାଇଛି। ଉତ୍ସବରେ ଅତିରିକ୍ତ ଜିଲାପାଳ ଲିଲି କୁମାରୀ କୁଲୁ, ଉତ୍କଳ ପ୍ରାଦେଶିକ ମାରୁଆଡି ସମ୍ମିଳନୀ ସଭାପତି ମହେନ୍ଦ୍ର କେଡିଆ, ମନିଷ ଡେଡ୍‌ୱାନିଆ, ଆଲୋକ ପୋଦାର, ମଣ୍ଟି ପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ ।



ଆଇସିୟୁ ଯୁକ୍ତ ଆମ୍ବୁଲାନ୍ସକୁ ଜିଲାପାଳ ଲୋକାର୍ପିତ କରୁଛନ୍ତି।

## ଟଙ୍କା, ସୁନାଗହଣା ଚୋରି ଘଟଣାର ପର୍ଦ୍ଦାଫାଶ


ଗିରଫ ଅଭିଯୁକ୍ତଙ୍କୁ ପୋଲିସ ହାଜର କରିଛି ।

ବରଗଡ଼ ଅଫିସ୍,୨୭।୫

ବରଗଡ଼ ଜିଲା ସୋହେଲା ଥାନା ତବଡ଼ା ଗ୍ରାମରୁ ଗତ ୨୦ତାରିଖ ରାତିରେ ଲକ୍ଷାଧିକ ଟଙ୍କା, ସୁନା ଗହଣା ଚୋରି ଘଟଣାର ପର୍ଦ୍ଦାଫାଶ ହୋଇଛି । ପୋଲିସ ଏହି ଘଟଣାରେ ୨ଜଣଙ୍କୁ ଗିରଫ କରିଛି। ତେବେ ପୋଲିସ ଗିରଫ ଅଭିଯୁକ୍ତଙ୍କ ପରିଚୟ ଦେଇନାହିଁ। ସେଥିପାଇଁ ସେମାନଙ୍କ ପରିଚୟ ଗୋପନୀୟ ରଖାଯାଇଛି ବୋଲି ଥାନାଧିକାରୀ ଏଚ୍.ବି ଗଡ଼ତିଆ କହିଛନ୍ତି। ଅଭିଯୁକ୍ତଙ୍କ ପାଖରୁ ଚୋରି ହୋଇଥିବା ନଗଦ ୨ଲକ୍ଷ ୧୦,୯୦୦ ଟଙ୍କା ଏବଂ ୧୪୦ ଗ୍ରାମ୍‌ର ସୁନା ଗହଣା ଉଦ୍ଧାର କରାଯାଇଛି ।

ଗତ ୨୦ତାରିଖ ରାତିରେ ତବଡ଼ା ଗ୍ରାମର ପଙ୍କଜ ମୋହନ ପାଣିଗ୍ରାହୀଙ୍କ ୨ଲକ୍ଷ ୩୦ହଜାର ଟଙ୍କା ଏବଂ ୧୪୦ ଗ୍ରାମ ସୁନା ଗହଣା ଚୋରି ହୋଇଥିଲା। ଏ ନେଇ ପାଣିଗ୍ରାହୀ ଏତଲା ଦେବା ପରେ ଏକ ମାମଲା (ନଂ.୮୬/୨୧) ରୁଜୁ କରି ସୋହେଲା ଥାନାଧିକାରୀ ଗଡ଼ତିଆ ଏହାର ତଦନ୍ତ କରିଥିଲେ। ୨ଜଣ ସମ୍ପୃକ୍ତ ଥିବା ଜଣାପଡ଼ିବା ପରେ ସେମାନଙ୍କୁ ଗିରଫ କରାଯାଇଥିଲା। ସୋହେଲା ଥାନାରେ ଗୁରୁବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପଦ୍ମପୁର ଏସ୍‌ଡ଼ିପିଓ ଏ ନେଇ ସୂଚନା ଦେଇଛନ୍ତି।

# ଝାରସୁଗୁଡ଼ାରେ କୋଭିଡ୍ ନିୟମ ଉଲ୍ଲଂଘନ

ଝାରସୁଗୁଡ଼ା ଅଫିସ,୨୭।୫

ଝାରସୁଗୁଡ଼ା ଜିଲାରେ ମହାମାରୀ କରୋନା ତା’ର କାୟା ବିସ୍ତାର କରିଚାଲିଛି। ଜିଲାରେ ପ୍ରତିଦିନ ୩୦୦ରୁ ୪୦୦ ପର୍ଯ୍ୟନ୍ତ କୋଭିଡ୍ ପଜିଟିଭ୍ ବାହାରୁଛନ୍ତି। ସଂକ୍ରମିତ ହୋମ୍ ଆଇସୋଲେଶନ୍ ଓ କୋଭିଡ୍ ହସ୍ପିଟାଲ୍‌ରେ ରହି ଚିକିତ୍ସିତ ହେଉଛନ୍ତି। ଏଥିମଧ୍ୟରୁ କେତେକ ଗୁରୁତର ଆକ୍ରାନ୍ତ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରୁଛନ୍ତି। ଏପରିସ୍ଥଳେ ଜିଲାର କେତେକ ସ୍ଥାନରେ କୋଭିଡ୍ ନିୟମ ଉଲ୍ଲଂଘନ ହେଉଥିବା ଦେଖାଯାଉଛି।

ସଂକ୍ରମଣ ରୋକିବା ପାଇଁ ଜିଲା ପ୍ରଶାସନ ତରଫରୁ ଶଟ୍‌ଡାଉନ ଓ ଲକ୍‌ଡାଉନ ଭଳି କଟକଣା ଜାରି କରାଯାଇଛି। ଏହାକୁ ତଦାରଖ କରିବା ପାଇଁ ପୋଲିସ ଓ ପ୍ରଶାସନିକ ଅଧିକାରୀଙ୍କୁ ନେଇ ଜିଲାରେ ୧୭ଗୋଟି ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ ହୋଇଛି। ଏହି ସ୍କ୍ୱାଡ୍ ତନାଘନାକରି ନିୟମ ଉଲ୍ଲଂଘନକାରୀଙ୍କୁ ଜରିମାନା କରିବା ସହ ଦୋକାନ ବଜାର ସିଲ୍ କରୁଥିଲା। ଫଳରେ ଅମାନିଆଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହେଉଥିଲା।



ଝାରସୁଗୁଡ଼ା ଷ୍ଟେଶନ୍ ଛକରେ ଏକ ଚା’ ଦୋକାନରେ ଜିଆର୍‌ପି ପୋଲିସମାନେ ଏକତ୍ରିତ ହୋଇ ଚା ପିଉଛନ୍ତି। ବିଟିଏମ୍ ବଜାରକୁ ବ୍ୟବସାୟୀମାନେ ଏକ ପିକ୍‌ଅପ୍ ଭ୍ୟାନ୍‌ରେ ଆସୁଛନ୍ତି।

- ଚା’ ଦୋକାନରେ ଏକାଧିକ ପୋଲିସ
- ପିକ୍‌ଅପ୍‌ରେ ଭର୍ତ୍ତିହୋଇ ପରିବା ବଜାର ଆସିଲେ ବ୍ୟବସାୟୀ

ଏବେ କିଛିଦିନ ହେଲାଣି ଚଢ଼ାଉ କ୍ଷେତ୍ରରେ ଶିଥିଳତା ଦେଖାଦେଇଛି। ଫଳରେ ଲୋକେ କଟକଣା ମାନୁ ନାହାନ୍ତି। ଝାରସୁଗୁଡା ମୁଖ୍ୟସହର ଷ୍ଟେଶନ୍ ଛକରେ ଏହାର ନମୁନା ଦେଖିବାକୁ ମିଳିଛି। ଏହି ଛକରେ ଗୁରୁବାର ଏକ ଚା’ ଦୋକାନ ଖୋଲାଥିବାବେଳେ ୪ଜଣ ଜିଆର୍‌ପି ପୋଲିସ ଚା’ ପିଇଥିଲେ। ଲକ୍‌ଡାଉନରେ ଚା’ ଦୋକାନ ଖୋଲିବା ଉପରେ କଟକଣା ରହିଥିବାବେଳେ ଏକ ମୁଖ୍ୟ ଛକରେ ଚା’ ଦୋକାନ ଖୋଲିବା ଓ ଖୋଦ୍ ପୋଲିସ ଚା’ ପିଇବାକୁ ନେଇ ଚର୍ଚ୍ଚା ହୋଇଥିଲା। ଲୋକେ ମୋବାଇଲ୍‌ରେ ଏହାର ଫଟୋ ଉତ୍ତୋଳନ କରି ସାମାଜିକ ଗଣମାଧ୍ୟମରେ ଭାଇରାଲ୍ କରିଥିଲେ। ଏହାକୁ ନେଇ ଲୋକେ ପ୍ରଶ୍ନ କରିଥିଲେ, ସାଧାରଣ ଲୋକ ନିୟମ ଉଲ୍ଲଂଘନ କଲେ ପୋଲିସ ଫାଇନ୍ କାଟୁଛି। ଏଠାରେ ପୋଲିସ ନିୟମ ଉଲ୍ଲଂଘନ କରିଥିବାରୁ କିଏ ଫାଇନ୍ କାଟିବ। ସେହିପରି ଲକ୍‌ଡାଉନ୍‌କୁ ଦୃଷ୍ଟିରେ ରଖି ସହରରେ ବସୁଥିବା ଦୈନିକ ପରିବା ବଜାର ବିଟିଏମ୍ ପଡିଆରେ ବସୁଛି। ହେଲେ ଏଠାରେ ବ୍ୟବସାୟୀ କିମ୍ବା ଗ୍ରାହକ କୋଭିଡ୍ ନିୟମ ପାଳନ କରୁନାହାନ୍ତି। ଗୁରୁବାର ଗୋଟିଏ ପିକ୍‌ଅପ୍ ଭ୍ୟାନ୍‌ରେ ବ୍ୟବସାୟୀମାନେ ଖୁନ୍ଦାଖୁନ୍ଦି ହୋଇ ଠିଆହୋଇ ପରିବା ବଜାରକୁ ଆସୁଥିବା ଦେଖିବାକୁ ମିଳିଥିଲା। ଏଠାରେ ବ୍ୟବସାୟୀଙ୍କ ମଧ୍ୟରେ ନା ରହିଛି ସମଦୂରତା ନା ରହିଛି ମୁହଁରେ ମାସ୍କ। ଜିଲାରେ ଏଭଳି ସ୍ଥିତି ଯଦି ଜାରି ରୁହେ, ତା’ହେଲେ କରୋନା ସଂକ୍ରମଣ ହ୍ରାସ ହେବା ପରିବର୍ତ୍ତେ ବୃଦ୍ଧି ପାଇବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

## ବୌଦ୍ଧରେ ଗୋଟିଏ ଦିନରେ ୩ ମୃତ

ବୌଦ୍ଧ,(ସ୍ୱପ୍ର): ବୌଦ୍ଧ ଜିଲାରେ ଗୁରୁବାର କରୋନାରେ ଆକ୍ରାନ୍ତ ୩ ଜଣ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି ଓ ୨୬୨ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ଜିଲାରେ କରୋନା ମୃତ୍ୟୁ ସଂଖ୍ୟା ୩୪ରେ ପହଞ୍ଚିଛି। ସହରରେ କରୋନା ସଂକ୍ରମଣ ହ୍ରାସ ପାଉଥିବା ବେଳେ ଗାଁଗୁଡିକରେ ସଂକ୍ରମଣ ସଂଖ୍ୟା ବଢିବାରେ ଲାଗିଛି। ହରଭଙ୍ଗା ବ୍ଲକରେ ସ୍ଥିତି ସଙ୍ଗୀନ ରହିଛି। ଯଦି ପ୍ରଶାସନ ପକ୍ଷରୁ ବିହିତ ପଦକ୍ଷେପ ଗ୍ରହଣ କରା ନ ଯାଏ ଆଗାମୀ ଦିନରେ ପରିସ୍ଥିତି ଅଣାୟତ୍ତ ହେବା ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ।

**ସଂକ୍ଷେପରେ**

### ହାଇୱା ଧକ୍କାରେ ବାଇକ ଚାଳକ ମୃତ

**ଅମରପାଲି,୨୭ା୫(ଡି.ଏନ.ଏ.):** ଔଷଧ କିଣି ଘରକୁ ଫେରିବା ବେଳେ ଗୁରୁବାର ରାତି ପ୍ରାୟ ୮.୩୦ରେ ବୀରମହାରାଜପୁର ମୁଖ୍ୟଛକରେ ହାଇୱା ଧକ୍କାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଉଲୁଣ୍ଡା ବ୍ଲକ ଜଗନ୍ନାଥପାଲି ଗ୍ରାମର ମକୁନ୍ଦ ମେହେର (୪୫)। ସୋନପୁର ପଟରୁ ଏକ ହାଇୱା ସୁବଳୟା ଆଡକୁ ଯାଉଥିବା ବେଳେ ନିକଟସ୍ଥ ଏକ ଔଷଧ ଦୋକାନରୁ ଔଷଧ କିଣି ବାଇକ ନଂ ଓଡି ୩୧ବି ୯୦୮୩ରେ ଫେରୁଥିବା ମକୁନ୍ଦଙ୍କୁ ଧକ୍କା ଦେଇଥିଲା। ଏଥିରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତଦେହ ବୀରମହାରାଜପୁର ଡାକ୍ତରଖାନାରେ ରଖାଯାଇଛି। ଦୁର୍ଘଟଣା ଘଟାଇଥିବା ହାଇୱାକୁ ସୁବଳୟା ପୋଲିସ ଜବତ କରିଛି।

### ଗୀତଗାଇ କଲେ କରୋନା ସଚେତନତା

**ଲୋଇସିଂହା, ୨୭ା୫(ଡି.ଏନ.ଏ.):** ଲୋଇସିଂହା ବ୍ଲକ ଅନ୍ତର୍ଗତ ବୁର୍ଡା ଗ୍ରାମର ଆଶା, ଅଙ୍ଗନୱାଡି କର୍ମୀ ଓ ସହାୟିକା ଗୀତ ମାଧ୍ୟମରେ ଗ୍ରାମବାସୀଙ୍କୁ କରୋନା ସଚେତନତା କରିଛନ୍ତି। ବୁଧବାର ଗ୍ରାମର ସମସ୍ତ ଅଙ୍ଗନୱାଡି କେନ୍ଦ୍ରର କର୍ମୀ, ସହାୟିକା ଓ ଆଶାକର୍ମୀ କରୋନା ଉପରେ ସଚେତନତା ରାଲି କରିଥିଲେ। ଏହି ଅବସରରେ ଆଶାକର୍ମୀ ଆଶା ତାଣ୍ଡି କରୋନା ଉପରେ ସଚେତନତା ଧର୍ମୀ ଗୀତ ଗାଇଥିଲେ। ଗତ ସୋମବାର ବୁର୍ଡା କେନ୍ଦ୍ର ୩ଠାରେ ସେକ୍ଟର ବୈଠକ ଅନୁଷ୍ଠିତ ହୋଇ କରୋନା ସର୍ଭେ ଉପରେ ପ୍ରସ୍ତୁତି ଅଭିଯାନ ଆରମ୍ଭ କରାଯାଇଥିଲା। ଏହି ସଚେତନତା ରାଲିକୁ ଗାଁ କଲ୍ୟାଣ ସମିତି ସଦସ୍ୟ ସହଯୋଗ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ବ୍ଲକର ୧୦୮ ଗ୍ରାମରେ ୧୬୫ ଆଶା ଓ ୧୭୩ ଅଙ୍ଗନୱାଡି କର୍ମୀ ଗତ ୨୪ ତାରିଖଠାରୁ ଘରଘର ବୁଲି ଲୋକଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ପଚାରି ବୁଝୁଛନ୍ତି।

### ଦେଷଣ୍ଡ ଆବଦ୍ଧାଞ୍ଚଳ ସାନିଟାଇଜ ହେଲା

**ଦେଓଗାଁ,୨୭ା୫(ଡି.ଏନ.ଏ.):** ଦେଓଗାଁ ବ୍ଲକ ଦେଷଣ୍ଡ ପଞ୍ଚାୟତ ମୁଖ୍ୟାଳୟରେ କରୋନା ସଂକ୍ରମଣ ବୃଦ୍ଧିପାଇବାରୁ ପ୍ରଶାସନ ତରଫରୁ ଆବଦ୍ଧାଞ୍ଚଳ ଘୋଷଣା କରାଯାଇଛି। ଗୁରୁବାର ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଏହି ଅଞ୍ଚଳକୁ ସାନିଟାଇଜ କରାଯାଇଛି। ସଂଗଠନର ରାଜ୍ୟ ସମ୍ପାଦକ ସୁମନ କୁମାର ନନ୍ଦ, ବ୍ଲକ ଛାତ୍ର ସଭାପତି ଦୀପକ କୁମାର ବେହେରା, ଜିଲା ସାଧାରଣ ସମ୍ପାଦକ ପିଙ୍କୁ ଷଡଙ୍ଗୀ, ନଗର ସଭାପତି ସୁନ୍ଦର ବିଶି, ଜିଲା ସମ୍ପାଦକ ନେପାଳ ରାଉତ, ପୂର୍ବତନ ସରପଞ୍ଚ ସ୍ୱୟମ୍ବର ମେହେର ସାନିଟାଇଜ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

### ୪୦ ୟୁନିଟ୍ ରକ୍ତ ସଂଗ୍ରହ

**ବିନିକା,୨୭ା୫(ଡି.ଏନ୍.ଏ.):** ବିନିକା ବ୍ଲକ ସିଂଘିଯୁବା ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ପରିସରରେ ଓଡ଼ିଶା ମୋ ପରିବାର ଓ ବିଜୁ ଯୁବ ଜନତା ଦଳ ପକ୍ଷରୁ ବୁଧବାର ପୂର୍ବାହ୍ନରେ ରକ୍ତଦାନ ଶିବିର କରୋନା କଟକଣା ମଧରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଯୁବ ବିଜେଡି ସଭାପତି ଅଶୋକ ନନ୍ଦଙ୍କ ତତ୍ତ୍ୱାବଧାନରେ ଓ ଓଡ଼ିଶା ମୋ ପରିବାର ଜିଲା ସଂଯୋଜକ ରଞ୍ଜିତ କୁମାର ରଥଙ୍କ ପରିଚାଳନାରେ ଶିବିର ହୋଇଥିଲା। ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଜୟ ପ୍ରକାଶ ପ୍ରଧାନ, ବୁର୍ଲା ରକ୍ତ ଭଣ୍ଡାରର ଜଗତ ଦରୁଆନ, ଟଙ୍କଧର ଏବଂ ସତ୍ୟବ୍ରତ ତାଣ୍ଡି ପ୍ରମୁଖ ରକ୍ତ ସଂଗ୍ରହ କାର୍ଯ୍ୟ ତୁଲାଇଥିଲେ। ଏହି ଅବସରରେ ୪୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଅନ୍ୟମାନଙ୍କ ମଧରେ ଆଇନଜୀବୀ ଅଦ୍ୱୈତ କୁମାର ପଣ୍ଡା, ବ୍ଲକ ଉପାଧ୍ୟକ୍ଷାଙ୍କ ପ୍ରତିନିଧି ଅଚ୍ୟୁତ କଣ୍ଡା, ମହେଶ୍ୱର ମହାକୁର, ଆଶିଷ ରଞ୍ଜନ ଦାଶ ପ୍ରମୁଖ ସହଯୋଗ କରିଥିଲେ।

### ଥର୍ମାଲ ସ୍କ୍ରିନିଂ, କରୋନା ସଚେତନତା

**ଲୋଇସିଂହା,୨୭ା୫(ଡି.ଏନ.ଏ):** ଲୋଇସିଂହାର ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ କରୋନା ସଚେତନତା କାର୍ଯ୍ୟକ୍ରମ ଗୁରୁବାର କରାଯାଇଛି। ବ୍ଲକ ଭାଜପା ପକ୍ଷରୁ ବ୍ଲକର ବାଦିମୁଣ୍ଡା ପଞ୍ଚାୟତର ସଦର ଗାଁ ବାଦିମୁଣ୍ଡା ଓ ମାହାରପାଲି ଗ୍ରାମରେ ସାଇଦେବ ପଟେଲଙ୍କ ନେତୃତ୍ୱରେ କର୍ମୀମାନେ ଘରଘର ବୁଲି ଲୋକଙ୍କ ଥର୍ମାଲ ସ୍କ୍ରିନିଂ ଓ ଅକ୍ସିଜେନସ୍ତର ଯାଞ୍ଚ କରିଥିଲେ। ଏହାବାଦ ମାସ୍କ ବଣ୍ଟନ କରି ଲୋକଙ୍କୁ କରୋନା ଭୂତାଣୁର ଭୟାବହତା ଉପରେ ସଚେତନ କରାଯାଇଥିଲା। ସେହିପରି ବୁର୍ଡା ପଞ୍ଚାୟତ ଅନ୍ତର୍ଗତ ସିଆଳବାହାଲି ଗାଁରେ ଆମ ଆଦମୀ ପାର୍ଟିର ଜିଲା ଆବାହକ ଆଶିଷ ପାଣ୍ଡେଙ୍କ ଆହ୍ୱାନ କ୍ରମେ ନାଏବ ସରପଞ୍ଚ ମହନ ସାହୁ ଓ ଶଙ୍କର ନାଗ ଲୋକଙ୍କ ଅକ୍ସିଜେନସ୍ତର ଯାଞ୍ଚ କରିଥିଲେ।

# ଝଡ଼ବର୍ଷାରେ ଉଜୁଡ଼ିଲା ଫସଲ

**ବରଗଡ଼ ଅଫିସ୍/ଅତାବିରା,୨୭ା୫**

ବରଗଡ଼ ଜିଲାରେ ଗତ ୫ତାରିଖରୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। କିନ୍ତୁ ଅମଳ ଆରମ୍ଭରୁ ବିଭିନ୍ନ ସମୟରେ ଝଡ଼ବର୍ଷା ଲାଗି ରହିଛି। ଏଥିରେ ଜିଲାର ଧାନ ଫସଲ କ୍ଷତିଗ୍ରସ୍ତ ହୋଇଛି। କ୍ଷେତରେ ଥିବା ଧାନପେଟା ଗଜା ହୋଇ ସେଥିରୁ ଧାନ ଗଛ ଉଠିବା ଦେଖିବାକୁ ମିଳିଛି। ବରଗଡ଼ ଜିଲା ଅତାବିରା ବ୍ଲକ ଅଧୀନ ଦୁଲମପୁର ପଞ୍ଚାୟତ ଖଲିଆପାଲି ଗ୍ରାମରେ ଏଭଳି କ୍ଷୟକ୍ଷତି ହୋଇଛି। ଲକ୍ ଡାଉନ ଯୋଗୁ ପୂର୍ବଭଳି ଏଥର ଜିଲା ବାହାରୁ କୃଷି ଶ୍ରମିକମାନେ ଆସି ପାରିନାହାନ୍ତି। ଫଳରେ ଧାନ ଫସଲ ଭଲ ହୋଇଥିଲେ ହେଁ ଅମଳ ବିଳମ୍ବିତ ହୋଇଛି। ଅପରପକ୍ଷେ କାଳବୈଶାଖୀ ଯୋଗୁ ଝଡ଼ବର୍ଷା ଲାଗି ରହିଛି। ଫଳରେ ଚାଷୀଙ୍କ ଧାନ ଭିଜି ନଷ୍ଟ ହୋଇଛି। ଏଭଳି ଭାବେ ଖଲିଆପାଲି ଗ୍ରାମର ଅନେକ ଚାଷୀଙ୍କ ଧାନପେଟା କ୍ଷେତରେ ପଡ଼ିଥିଲା ଏବଂ କ୍ରମାଗତ ବର୍ଷା ଯୋଗୁ ତାହା ଗଜା ହେବା ସହିତ ସେଥିରୁ ଧାନଗଛ ଉଠିଯାଇଛି। ଅନୁରୂପ ଭାବେ ଖଲିଆପାଲି ଗ୍ରାମର ଝସକେତନ ମହାକୁରଙ୍କ ୧୨ଏକର, ସୁବାଷ ବଘାରଙ୍କ ୨ଏକର, ଦୁର୍ଯ୍ୟୋଧନ ସାହୁଙ୍କ ଅଢ଼େଇ ଏକର, ତ୍ରିବିକ୍ରମ ବଘାରଙ୍କ ୨ଏକର, ସୁଦାମ ପ୍ରଧାନଙ୍କ ୨ଏକର ଜମିର ଧାନ ଫସଲ ଝଡ଼ବର୍ଷାରେ ପ୍ରଭାବିତ ହୋଇଛି। ଜମିରେ ଧାନପେଟା ପଡ଼ିଥିଲା ଏବଂ ବର୍ଷା ହେବା ଯୋଗୁ ତାକୁ ସେମାନେ ଖଳାକୁ ନେଇ ପାରି ନ ଥିଲେ। ଫଳରେ ବର୍ଷାରେ ଭିଜି ଗଜା ବାହାରି ଗଛ ଉଠିଥିବା ଚାଷୀମାନେ କହିଛନ୍ତି। କେବଳ ଖଲିଆପାଲି ଗ୍ରାମର ଚାଷୀ ନୁହଁନ୍ତି, ଅତାବିରା ବ୍ଲକ କୁଲୁଣ୍ଡା ସମେତ ବିଭିନ୍ନ ଗ୍ରାମର ଚାଷୀଙ୍କ ଧାନ ଏଭଳି କ୍ଷତିଗ୍ରସ୍ତ ହୋଇଥିବା ସୂଚନା ମିଳିଛି। କ୍ଷୟକ୍ଷତି ଆକଳନ କରି କ୍ଷତିଗ୍ରସ୍ତ ଚାଷୀମାନଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି ହୋଇଛି।



ଅତାବିରା ବ୍ଲକ ଖଲିଆପାଲି ଗ୍ରାମରେ ଧାନପେଟା ଗଜା ହୋଇ ଗଛ ବାହାରିଛି।

**ଧାନଗଜାରୁ ବାହାରିଲାଣି ଗଛ**

# ମିଲର୍ସଙ୍କ ମର୍ଜିରେ ଚାଲିଛି ଧାନକିଣା

**ବିନିକା,୨୭ା୫(ଡି.ଏନ୍.ଏ)**

**ତୃତୀୟ ଦିନରେ ମେଘଲା ଭାଗଚାଷୀଙ୍କ ଆନ୍ଦୋଳନ**

ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳରେ ରବିଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବା ୧୦ଦିନ ବିତିଗଲାଣି। ପ୍ରଥମ ପର୍ଯ୍ୟାୟରେ ଜିଲା ପ୍ରଶାସନ ପକ୍ଷରୁ ଧାର୍ଯ୍ୟ କରାଯାଇଥିବା ଧାନ ସଂଗ୍ରହ ଲକ୍ଷ୍ୟର ୧୦ ପ୍ରତିଶତ ଏପର୍ଯ୍ୟନ୍ତ ପୂରଣ ହୋଇନାହିଁ। ଧାନକିଣା ମନ୍ଥର ଗତିରେ ଚାଲିଥିବାରୁ ଏହାର ଲାଭ ମିଲର୍ସଙ୍କୁ ମିଳୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ପ୍ରଥମ ପର୍ଯ୍ୟାୟ ଧାନ ବିକ୍ରିନେଇ ପଞ୍ଜୀକୃତ ହୋଇଥିବା ଚାଷୀମାନଙ୍କର ଟୋକନ ଆସୁନାହିଁ। ପ୍ୟାକ୍ସ କର୍ତ୍ତୃପକ୍ଷଙ୍କୁ ଚାଷୀମାନେ ଟୋକନ ନେଇ ପଚାରିଲେ ମୋବାଇଲରେ ମ୍ୟାସେଜ ଆସିବ ବୋଲି କହି ଦାୟିତ୍ୱରୁ ଖସି ଯାଉଛନ୍ତି। ଅନ୍ୟପଟେ ମିଲର୍ସମାନଙ୍କର ଗାଡି ମଣ୍ଡିକୁ ଆସୁନାହିଁ। ଫଳରେ ଚାଷୀମାନେ ନିଜେ ଗାଡି ଭଡା କରି ମିଲକୁ ଧାନ ନେଉଛନ୍ତି। ଅପରପକ୍ଷରେ ଅଦିନିଆ ବର୍ଷାରେ ଚାଷୀ ଧାନ କିଛିମାତ୍ରାରେ ଆଦ୍ର ଥିଲେ ମଧ ମିଲର୍ସମାନେ ୧୭ ପ୍ରତିଶତଠାରୁ ଅଧିକ ଆଦ୍ରତା ଥିବା କହି ପ୍ରତି ପ୍ୟାକେଟରୁ ୪/୫କେଜି ଧାନ କଟନୀ କରୁଛନ୍ତି। ଅନ୍ୟପକ୍ଷେ ବିନିକା ବ୍ଲକ୍ ମେଘଲା ପଞ୍ଚାୟତ ଚାଷୀଙ୍କର ଧାନ କିଣିବା କାର୍ଯ୍ୟରେ ନିୟୋଜିତ ଶିବାନୀ ମହିଳା ଗ୍ରୁପ୍‌ର ଆଧାର କାର୍ଡଜନିତ ତ୍ରୁଟି କାରଣରୁ ଧାନବିକ୍ରିରୁ ବାଦ୍ ପଡିଥିଲେ ୮୪ ଭାଗଚାଷୀ। ଏହା ପ୍ରତିବାଦ କରି ଧାନକ୍ରୟ କେନ୍ଦ୍ର ମୁଖ୍ୟ ଫାଟକରେ ସେମାନେ ତାଲା ପକାଇଥିଲେ। ଆଜକୁ ୩ଦିନ ବିତିଗଲାଣି, ସମସ୍ୟାର ସମାଧାନ ହେଉନାହିଁ। ସେପଟେ ମେଘଲା ଅଞ୍ଚଳର ୩୦ରୁ ଅଧିକ ଚାଷୀ ଧାନବିକ୍ରି ପାଇଁ ଟୋକନ ପାଇଥିଲେ ବି କ୍ରୟକେନ୍ଦ୍ରରେ ଲାଗି ରହିଥିବା ଅଚଳାବସ୍ଥା ଯୋଗୁଁ ଟୋକନ୍ ଲାପ୍ସ ହେବାକୁ ଯାଉଛି। ଗୁରୁବାର ଭାଗଚାଷୀଙ୍କ ସମସ୍ୟା ଓ ଧାନକେନ୍ଦ୍ରର ସ୍ଥିତି ଅନୁଧ୍ୟାନ କରିବା ପାଇଁ ଡିପିସି କାର୍ତ୍ତିକ ଚନ୍ଦ୍ର ନାୟକ, ବିନିକା ଯୋଗାଣ ଅଧିକାରୀ ରାଜକିଶୋର ସ୍ୱାଇଁ ମେଘଲା ଧାନକ୍ରୟ କେନ୍ଦ୍ରରେ ପହଞ୍ଚିଥିଲେ। ଏହି ସମୟରେ ଭାଗଚାଷୀମାନେ ଡିପିସି ଓ ଯୋଗାଣ ଅଧିକାରୀଙ୍କୁ ଘେରିଥିଲେ। ସେମାନଙ୍କ ନାମ ତାଲିକାରେ ନ ଆସିବା ଯାଏଁ ତାଲା ଖୋଲାଯିବ ନାହିଁ ବୋଲି ଭାଗଚାଷୀମାନେ ଜିଦରେ ଅଟଳ ରହିଥିଲେ। ସମସ୍ୟା ନେଇ ଜିଲା ଅତିରିକ୍ତ ଯୋଗାଣ ଅଧିକାରୀ ସୁବୋଧ ହୋତାଙ୍କୁ ପଚାରିବାରୁ କହିଛନ୍ତି ଯେ, ମିଲର୍ସମାନେ ଧାନ କିଣାରେ କଟନୀ ଛଟନୀ କରୁଥିବା ବିଷୟରେ କୌଣସି ଅଭିଯୋଗ ମିଳିନାହିଁ। ଅଭିଯୋଗ ଆସିଲେ ବିହିତ ପଦକ୍ଷେପ ନିଆଯିବ। ଚାଷୀ ନିଜ ଗାଡିରେ ଧାନ ମିଲକୁ ନେବା ବିଷୟରେ ମୁଖ୍ୟ ଅଧିକାରୀଙ୍କୁ ଜଣାଇବି। ଏଥିସହିତ ପ୍ୟାକ୍ସ କର୍ତ୍ତୃପକ୍ଷ ଚାଷୀମାନଙ୍କୁ ସବିଶେଷ ସୂଚନା ଦେବାକୁ କୁହାଯିବ। ମେଘଲା ଭାଗଚାଷୀଙ୍କ ସମସ୍ୟା ସମାଧାନ ଦିଗରେ ପ୍ରୟାସ ଚାଲିଛି ବୋଲି ସେ କହିଛନ୍ତି।

## ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୨ପୋଢ଼ ମୃତ

**ଅମରପାଲି,୨୭ା୫(ଡି.ଏନ.ଏ.)**

ବୀରମହାରାଜପୁର ଥାନା ଠେଙ୍ଗୋ ଡ୍ୟାମ ଫାଣ୍ଡି ନିକଟ ମହୁଖଣ୍ଡି ଗ୍ରାମ କେନାଲ ପାଖରେ ଜନ୍ତୁ ଶିକାର ପାଇଁ ବିଛା ହୋଇଥିବା ବିଦ୍ୟୁତ୍ ତାରରେ ଲାଗି ୨ଟି ପୋଢଙ୍କ ମୃତ୍ୟୁ ଘଟିଛି। ଉଲୁଣ୍ଡା ବ୍ଲକ ସୁଲିଆ ଗ୍ରାମର ସୁରେଶ ଭୋଇ ତାଙ୍କର ୨ଟି ପୋଢ଼କୁ ଚରିବା ପାଇଁ ଛାଡିଥିଲେ। କେନାଲ ନିକଟରେ ଜନ୍ତୁ ଶିକାର ପାଇଁ ବିଛା ହୋଇଥିବା ତାରରେ ଲାଗି ପୋଢ଼ ମରି ଯାଇଥିବା ସୁରେଶ ବୀରମହାରାଜପୁର ଥାନାରେ ଅଭିଯୋଗ କରିଛନ୍ତି। ମହୁଖଣ୍ଡି ଗ୍ରାମର ଜଣେ ବ୍ୟକ୍ତି ଶିକାର ପାଇଁ ତାର ବିଛାଇଥିବା ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି।

## ମହିଳାଙ୍କୁ ହତ୍ୟା ଉଦ୍ୟମ ଅଭିଯୋଗରେ ଜଣେ ଅଟକ

**ଗୋଲାମୁଣ୍ଡା,୨୭ା୫(ଡି.ଏନ.ଏ)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଥାନା ଅଧୀନ ରେଙ୍ଗସାପାଲି ଗ୍ରାମରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ବିଧବା ମହିଳା ଶୋଇଥିବା ବେଳେ ସେହି ଗ୍ରାମର ଜଣେ ବ୍ୟକ୍ତି ତାଙ୍କ ଘରେ ପଶି ତଣ୍ଟିଚିପି ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ସୂଚନା ଅନୁସାରେ, ୧୦ବର୍ଷ ତଳେ ସମ୍ପୃକ୍ତ ମହିଳାଙ୍କ ସ୍ୱାମୀଙ୍କର ମୃତ୍ୟୁ ଘଟିଥିବା ବେଳେ କୌଣସି ସନ୍ତାନ ନାହିଁ। ସେ ମୂଲ ଲାଗି ଚଳନ୍ତି। ବୁଧବାର ରାତିରେ ସେ ଘରେ ଶୋଇଥିଲେ। ଏହାର ସୁଯୋଗ ନେଇ କବାଟ ଭାଙ୍ଗି ଅଭିଯୁକ୍ତ ଘରେ ପଶି ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ସେ ପାଟି କରିବାରୁ ତଣ୍ଟି ଚିପି ମାରି ଦେବାକୁ ବସିଥିବା ବେଳେ କୌଣସି ମତେ ମହିଳା ଜଣକ ଖସି ଆସି ରାତି ସାରା ଏକ ଗଛମୂଳେ ଆଶ୍ରୟ ନେଇଥିଲେ। ଘଟଣା ନେଇ ସେ ଗୁରୁବାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖିଛି। ପୋଲିସ ଏକ ମାମଲା(ନଂ. ୬୧/୨୧)ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୁକ୍ତ ବିବାହିତ ହୋଇଥିବା ବେଳେ ମହିଳାଙ୍କ ସମ୍ପର୍କୀୟ ହେବେ। ଜମିବାଡିକୁ ନେଇ ଉଭୟଙ୍କ ମଧ୍ୟରେ ବିବାଦ ଲାଗି ରହିଛି।

# ଟଙ୍କା, ସୁନାଗହଣା ଚୋରି ଘଟଣାର ପର୍ଦ୍ଦାଫାଶ



ଗିରଫ ଅଭିଯୁକ୍ତଙ୍କୁ ପୋଲିସ ହାଜର କରିଛି।

**ବରଗଡ଼ ଅଫିସ୍,୨୭ା୫**

ବରଗଡ଼ ଜିଲା ସୋହେଲା ଥାନା ତବଡ଼ା ଗ୍ରାମରୁ ଗତ ୨୦ତାରିଖ ରାତିରେ ଲକ୍ଷାଧିକ ଟଙ୍କା, ସୁନା ଗହଣା ଚୋରି ଘଟଣାର ପର୍ଦ୍ଦାଫାଶ ହୋଇଛି। ପୋଲିସ ଏହି ଘଟଣାରେ ୨ଜଣଙ୍କୁ ଗିରଫ କରିଛି। ତେବେ ପୋଲିସ ଗିରଫ ଅଭିଯୁକ୍ତଙ୍କ ପରିଚୟ ଦେଇନାହିଁ। ଗିରଫ ଅଭିଯୁକ୍ତଙ୍କ ଟି.ଆଇ ପରେଡ୍ କରାଯିବ। ସେଥିପାଇଁ ସେମାନଙ୍କ ପରିଚୟ ଗୋପନୀୟ ରଖାଯାଇଛି ବୋଲି ଥାନାଧିକାରୀ ଏଚ୍.ବି ଗଡ଼ତିଆ କହିଛନ୍ତି। ଅଭିଯୁକ୍ତଙ୍କ ପାଖରୁ ଚୋରି ହୋଇଥିବା ନଗଦ ୨ଲକ୍ଷ ୧୦,୯୦୦ ଟଙ୍କା ଏବଂ ୧୪୦ ଗ୍ରାମ ସୁନା ଗହଣା ଉଦ୍ଧାର କରାଯାଇଛି।

ଗତ ୨୦ତାରିଖ ରାତିରେ ତବଡ଼ା ଗ୍ରାମର ପଙ୍କଜ ମୋହନ ପାଣିଗ୍ରାହୀଙ୍କ ୨ଲକ୍ଷ ୩୦ହଜାର ଟଙ୍କା ଏବଂ ୧୪୦ ଗ୍ରାମ ସୁନା ଗହଣା ଚୋରି ହୋଇଥିଲା। ଏ ନେଇ ପାଣିଗ୍ରାହୀ ଏତଲା ଦେବା ପରେ ଏକ ମାମଲା (ନଂ.୮୬/୨୧) ରୁଜୁ କରି ସୋହେଲା ଥାନାଧିକାରୀ ଗଡ଼ତିଆ ଏହାର ତଦନ୍ତ କରିଥିଲେ। ତଦନ୍ତ ବେଳେ ଉକ୍ତ ଘଟଣାରେ ୨ଜଣ ସମ୍ପୃକ୍ତ ଥିବା ଜଣାପଡ଼ିବା ପରେ ସେମାନଙ୍କୁ ଗିରଫ କରାଯାଇଥିଲା। ସୋହେଲା ଥାନାରେ ଗୁରୁବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପଦ୍ମପୁର ଏସ୍‌ଡିପିଓ ଏ ନେଇ ସୂଚନା ଦେଇଛନ୍ତି।

# ସ୍ୱାସ୍ଥ୍ୟକର୍ମୀଙ୍କ ସହ ବୁଲି କରୋନା ସଚେତନତା କଲେ ମନ୍ତ୍ରୀ



କୁମୁଡାରେ ସ୍ୱାସ୍ଥ୍ୟକର୍ମୀଙ୍କ ସହ ମନ୍ତ୍ରୀ ଟୁକୁନୀ ସାହୁ ଲୋକଙ୍କୁ ସଚେତନ କରୁଛନ୍ତି।

**ଟିଟିଲାଗଡ଼, ୨୭ା୫(ଡି.ଏନ.ଏ.)**

ରାଜ୍ୟ ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ମନ୍ତ୍ରୀ ଟୁକୁନୀ ସାହୁ ଟିଟିଲାଗଡ ବ୍ଲକ ଅନ୍ତର୍ଗତ ସିହିନି ପଞ୍ଚାୟତରେ ସର୍ଭେ କାର୍ଯ୍ୟରେ ନିୟୋଜିତ ଅଙ୍ଗନବାଡି ଏବଂ ଆଶାକର୍ମୀଙ୍କ ସହ ଘର ବୁଲି ସଚେତନ କରିଛନ୍ତି। ମହାମାରୀର ଦ୍ୱିତୀୟ ଲହରରେ ଟିଟିଲାଗଡ ବ୍ଲକର ଗ୍ରାମାଞ୍ଚଳ ବିଶେଷ ପ୍ରଭାବିତ ହୋଇଛି। ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଗାଁରେ ଘର ଘରକୁ ସ୍ୱାସ୍ଥ୍ୟ ପରିକ୍ଷାକୁ ଗୁରୁତ୍ୱାରୋପ କରାଯାଇଛି। ଗୁରୁବାର ବ୍ଲକ ଅଧ୍ୟକ୍ଷା ରମାକାନ୍ତି ପୁଟେଲ, ବିଡିଓ ନବୀନ ଚନ୍ଦ୍ର ନାୟକ, ସିଡିପିଓ ମୃଣ୍ମୟୀ ଭୋଇ, ସରପଞ୍ଚ ବୀରବର ସାହୁ, ମିଶନ ଶକ୍ତି ବ୍ଲକ ସଂଯୋଜକ ପିତାମ୍ବର ବାଗ, ଅଙ୍ଗନବାଡି ସୁପରଭାଇଜର ସୁଲୋଚନା ମହାନନ୍ଦ ସ୍ୱାସ୍ଥ୍ୟକର୍ମୀଙ୍କ ଗହଣରେ ମନ୍ତ୍ରୀ କୁମୁଡା ଗ୍ରାମରେ ଘରକୁ ଘର ବୁଲିବା ସମୟରେ ଲୋକଙ୍କୁ କରୋନା ନେଇ ସଚେତନ କରିଥିଲେ। ବିଶେଷ କରି ଶିଶୁଙ୍କ ସ୍ୱାସ୍ଥ୍ୟାବସ୍ଥା ପ୍ରତି ବିଶେଷ ଧ୍ୟାନ ଦେବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ।

## ଟ୍ରାକ୍ଟର ଦୁର୍ଘଟଣାରେ ଡ୍ରାଇଭର ମୃତ

**ଖପ୍ରାଖୋଲ, ୨୭ା୫(ଡି.ଏନ.ଏ)**

ଖପ୍ରାଖୋଲ ଥାନା ତେଲେନପାଲି ଗାଁରେ ବୁଧବାର ଟ୍ରାକ୍ଟର ଦୁର୍ଘଟଣାରେ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କିନ୍ଦିରିଟାଲ ଗାଁର ସନ୍ତୋଷ ମାଝୀ(୨୫)। ତେବେ ଘଟଣାର ୧୨ ଘଣ୍ଟା ପରେ ଟ୍ରାକ୍ଟର ମାଲିକ ଜଣାଇଥିବାରୁ ଏହାକୁ ସନ୍ଦେହ କରି ମୃତକଙ୍କ ପିତା ଖପ୍ରାଖୋଲ ଥାନାରେ ଗୁରୁବାର ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ପରମାନନ୍ଦ ଖୁଟୁଲାଙ୍କ ଟ୍ରାକ୍ଟରକୁ ସନ୍ତୋଷ ଚଳାଉଥିଲେ। ଟ୍ରାକ୍ଟର ତେଲେନପାଲି ଗାଁର ଜଣକ ବନ୍ଧ କାମରେ ନିୟୋଜିତ ଥିଲା। ସନ୍ଧ୍ୟାରେ ଟ୍ରାକ୍ଟର ଦୁର୍ଘଟଣା ହେବାରେ ସନ୍ତୋଷଙ୍କ ମୃତ୍ୟୁ ଘଟିଥିଲା। ତଦନ୍ତ ଚାଲିଥିବା ଥାନା ଅଧିକାରୀ ରମାକାନ୍ତ ସାହୁ ପ୍ରକାଶ କରିଛନ୍ତି।

# ଲୋକ ଉନ୍ନତି ସଙ୍ଗଠନ ବିଡିଓଙ୍କୁ ଫେରାଦ

**ଦେଓଗାଁ,୨୭ା୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗୌରଗୋଠ ପଞ୍ଚାୟତରେ ବିଭିନ୍ନ ସମସ୍ୟାକୁ ନେଇ ସ୍ଥାନୀୟ ଲୋକ ଉନ୍ନତି ସଂଗଠନ ଏପ୍ରିଲ ୧ ତାରିଖରୁ ଆମରଣ ଅନଶନ କରିଥିଲା। ସେହି ମାସ ୮ତାରିଖରେ ବିଡିଓ ତଥା ଅନ୍ୟାନ୍ୟ ଅଧିକାରୀ ଆନ୍ଦୋଳନସ୍ଥଳରେ ପହଞ୍ଚି ୪୦ଦିନ ମଧରେ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଇତିମଧରେ ୫୦ ଦିନ ବିତିଯାଇଥିଲେ ସୁଦ୍ଧା ୬ଦଫା ମଧରୁ ଗୋଟିକର ବି ସମାଧାନ ହୋଇପାରିନାହିଁ। ଏହାର ପ୍ରତିବାଦ କରି ଗୁରୁବାର ସଂଗଠନ ଓ ଗ୍ରାମବାସୀଙ୍କ ତରଫରୁ ପୁରନ୍ଦର ଭୋଇ, ପୀତାମ୍ବର ପଧାନ, ହରିଶ୍ଚନ୍ଦ୍ର ଭୋଇ ପ୍ରମୁଖ ବିଡିଓଙ୍କୁ ପୁଣିଥରେ ଭେଟି ଦାବିପତ୍ର ଦେଇଛନ୍ତି। ଆଗକୁ ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ବିଶେଷକରି ଗୌରଗୋଠର କ ଓ ଘ ଅଙ୍ଗନୱାଡି କେନ୍ଦ୍ରର କୋଠା ନିର୍ମାଣ, ଆୟୁର୍ବେଦିକ ଡାକ୍ତରଖାନାରେ ସ୍ଥାୟୀ ଡାକ୍ତର ନିଯୁକ୍ତି, ମୋ ଉପକାରୀ ବଗିଚାରେ କାମ କରିଥିବା ମହିଳା ଶ୍ରମିକ ତଥା ହିତାଧିକାରୀଙ୍କୁ ପ୍ରାପ୍ୟ ପ୍ରଦାନ, ପଞ୍ଚାୟତର ସମସ୍ତ ଅଙ୍ଗନୱାଡି ଶିଶୁଙ୍କୁ ସ୍ୱେଟର, ଜୋତା ଓ ମୋଜା ପ୍ରଦାନ, ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କାଘର ଯୋଜନାର ହିତାଧିକାରୀଙ୍କୁ ଏମ୍‌ଜିଏନଆରଇଜିଏସ୍ ପାଉଣା ଓ ପ୍ରୋତ୍ସାହନ ରାଶି ପ୍ରଦାନ ଆଦି ପୂରଣ ପାଇଁ ସଂଗଠନ ଦାବି କରୁଛି।



ଦାବିପତ୍ର ଦେବାକୁ ଆସିଥିବା ଲୋକ ଉନ୍ନତି ସଂଗଠନ କର୍ମକର୍ତ୍ତା।

# ଧରାପଡ଼ିଲେ ୩ ନକଲି ଖବରଦାତା

**ବରଗଡ଼ ଅଫିସ୍/ଅମ୍ବାଭୋନା,୨୭ା୫**

ବରଗଡ଼ ଜିଲା ଅମ୍ବାଭୋନା ଥାନା ଅଞ୍ଚଳର ବିଭିନ୍ନ ପଞ୍ଚାୟତକୁ ଯାଇ ସ୍ଥାନୀୟ ଯୋଗାଣ ସହାୟକଙ୍କୁ ଧମକଚମକ ଦେଇ ବଟି ମାଗୁଥିବା ୩ଜଣ ନକଲି ଖବରଦାତାଙ୍କୁ ଗ୍ରାମବାସୀ ଗୁରୁବାର ଧରି ପୋଲିସ ଜିମା ଦେଇଛନ୍ତି। ସେମାନେ ହେଲେ ପଦ୍ମପୁର ବ୍ଲକ କନସିଂହା ନିବାସୀ ଆଶିଷ କୁମାର ଭୋଇ, ଗାଇସିଲେଟ ବ୍ଲକ କେନ୍ଦୁଡ଼ିପା ନିବାସୀ ବିଶ୍ୱପତି ସାହୁ ଏବଂ ବରାମୁଣ୍ଡା ନିବାସୀ ଭାଗିରଥି ଭୋଇ। କପାଶିରା ସରପଞ୍ଚ ବିଷ୍ଣୁ ପ୍ରଧାନଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୭୯/୨୧) ରୁଜୁ କରିଛି। ବରଗଡ଼ ଏସ୍‌ଡିପିଓ ଦୀପକ କୁମାର ଗୋଛାୟତ ସେମାନଙ୍କୁ ପଚରାଉଚୁରା କରୁଛନ୍ତି। ଗତ କିଛିଦିନ ହେଲା ଉକ୍ତ ଯୁବକମାନେ ଅମ୍ବାଭୋନା ବ୍ଲକର ରୁଚିଦା, ବାଞ୍ଜିପାଲି, ଅମ୍ବାଭୋନା, କପାଶିରା ଆଦି ପଞ୍ଚାୟତ ଅଫିସକୁ ଯାଉଥିଲେ। ନିଜକୁ ଏକ ନ୍ୟୁଜ୍ ପୋର୍ଟାଲର ଖବରଦାତା ପରିଚୟ ଦେଇ ଯୋଗାଣ ସହାୟକଙ୍କୁ ବଟି ଅସୁଲ କରୁଥିଲେ। ଗୁରୁବାର ସେମାନେ କପାଶିରା ପଞ୍ଚାୟତକୁ ପହଞ୍ଚି ସ୍ଥାନୀୟ ଯୋଗାଣ ସହାୟକଙ୍କୁ ପୁଣି ବଟି ମାଗୁଥିବାବେଳେ ଗ୍ରାମବାସୀ ସେମାନଙ୍କୁ ଧରି ପୋଲିସ ଜିମା ଦେଇଥିଲେ। ପରେ ସରପଞ୍ଚ ପ୍ରଧାନ ଥାନାରେ ଏତଲା ଦେଇଥିଲେ। ଅଭିଯୁକ୍ତମାନେ ପଦ୍ମପୁର ଉପଖଣ୍ଡର ବିଭିନ୍ନ ପଞ୍ଚାୟତକୁ ଯାଇ ବଟି ଆଦାୟ କରିଥିବା ଏବଂ ପୂର୍ବରୁ ଆପରାଧିକ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିବା ଆଲୋଚନା ହେଉଛି। ପୋଲିସ ଏ ନେଇ ଅଧିକ ତଦନ୍ତ କରୁଛି।

# ଫେରିଲେ ୯୮ ପ୍ରବାସୀ ଶ୍ରମିକ

**ବଲାଙ୍ଗୀର ଅଫିସ/ଟିକ୍ରାପଡା, ୨୭ା୫ (ଡି.ଏନ୍.ଏ.)**

- ଟିକ୍ରାପଡାଠାରେ ୧୩ ପ୍ରବାସୀ ଶ୍ରମିକ ପଜିଟିଭ ଚିହ୍ନଟ
- ବେଲପଡା ବ୍ଲକରେ ପହଞ୍ଚିଲେ ୩୦ ଶ୍ରମିକ

ରାଜ୍ୟ ବାହାରେ କାର୍ଯ୍ୟ କରୁଥିବା ପ୍ରବାସୀ ଶ୍ରମିକମାନେ ଏବେ ଘରମୁହାଁ ହେଲେଣି। ଇତିମଧରେ ବଲାଙ୍ଗୀର ଜିଲାକୁ ୯୮ ଜଣ ଦାଦନ ଶ୍ରମିକ ଫେରିଛନ୍ତି। ମଙ୍ଗଳବାର ସଇଁତଲା ବ୍ଲକ୍ ଟିକ୍ରାପଡାକୁ ଆନ୍ଧ୍ରପ୍ରଦେଶରୁ ୬୮ ଦାଦନ ଶ୍ରମିକ ଫେରିଥିଲେ। ସେମାନେ ଫେରିବା ପରେ ନିଜ ନିଜ ଘରକୁ ଯାଇଥିଲେ ମଧ ଆଇସୋଲେଶନ୍‌ରେ ରହି ନ ଥିଲେ। ସେମାନଙ୍କର କରୋନା ଟେଷ୍ଟ ମଧ ହୋଇପାରି ନ ଥିଲା। ପ୍ରବାସୀ ଶ୍ରମିକମାନେ ଲୋକଙ୍କ ସହ ମିଶିବା ସହ ବୁଲାବୁଲି କରିବା ପରେ ଗ୍ରାମବାସୀଙ୍କ ମଧରେ କରୋନା ସଂକ୍ରମଣ ଭୟ ଦେଖାଦେଇଥିଲା। ଫଳରେ ଗୁରୁବାର ପୋଲିସ ଉପସ୍ଥିତିରେ ରାଜ୍ୟ ବାହାରୁ ଫେରିଥିବା ୪୫ ଜଣ ଦାଦନ ଶ୍ରମିକଙ୍କ ଘରକୁ ଘର ଯାଇ କରୋନା ଟେଷ୍ଟ କରାଯାଇଥିଲା। ସେମାନଙ୍କ ମଧରୁ ୧୩ ଜଣ ପଜିଟିଭ ବାହାରିଥିଲେ। ସଂକ୍ରମିତ ୧୩ଜଣ ଚିହ୍ନଟ ହେବା ପରେ ସେମାନଙ୍କୁ ଟିଟିଲାଗଡ କୋଭିଡ ହସ୍ପିଟାଲକୁ ପଠାଯାଇଥିଲା। ଟିକ୍ରାପଡା ଫାଣ୍ଡି ଅଧିକାରୀ ଆଦିତ୍ୟ ପ୍ରସାଦ ସାହୁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଜନାର୍ଦ୍ଦନ ଯୋଷୀ ଓ ଆଡଭୋକେଟ ଟୁନୁ ରାଜପଲିଆ ଶ୍ରମିକଙ୍କ କୋଭିଡ ଟେଷ୍ଟ ବେଳେ ଉପସ୍ଥିତ ଥିଲେ। ଗୁରୁବାର ତେଲେଙ୍ଗାନାର ହାଇଦ୍ରାବାଦ ନିକଟ ଚୋଥପାଲର ଏକ ଇଟାଭାଟିରେ କାର୍ଯ୍ୟ କରୁଥିବା ୩୦ ଜଣ ଦାଦନ ଶ୍ରମିକଙ୍କୁ ଜିଲାକୁ ଅଣାଯାଇଛି। ଆଡ ଆଟ୍ ଆକ୍ସନ ତରଫରୁ ୩୦ ଦାଦନ ଶ୍ରମିକଙ୍କୁ କଣ୍ଟାବାଞ୍ଜି ଷ୍ଟେଶନ୍‌କୁ ଅଣାଯିବା ପରେ ବେଲପଡା ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ଗାଁକୁ ପଠାଯାଇଛି। ଜିଲା ଜରୁରୀ କାଳୀନ ଅଧିକାରୀ, ସଂସ୍ଥାର ଦୟାସାଗର ପ୍ରଧାନ ଓ ଚିତ୍ତରଞ୍ଜନ ନାଗ ଦାଦନ ଶ୍ରମିକ ଫେରିବା ଓ ଗ୍ରାମରେ ପହଞ୍ଚିବା କାର୍ଯ୍ୟ ତଦାରଖ କରିଥିଲେ।



ଟିକ୍ରାପଡା ଠାରେ ଦାଦନ ଶ୍ରମିକଙ୍କ କରୋନା ଟେଷ୍ଟ କରାଯାଉଛି।